ଆଦୃତା ଅନ୍ତେବାସୀମାନଙ୍କ ପାଇଁ ଜେଏସପିଏଲ ଦ୍ୱାରା ହଲ୍ ଉଦଘାଟିତ

ଅନୁଗୋଳ,୩୦।୧୨(ସହର) : ଜେଏସପିଏଲ ଫାଉଣ୍ଡେସନର ଚେୟାରମ୍ୟାନ୍ ଶାଲୁ ଜିନ୍ଦଲ ଆଦୃତା ଶିଶୁ ସଦନ କ୍ୟାମ୍ପସ ଭିତରେ ଏକ ବହୁ ଉପଯୋଗୀ ହଲ୍ ଉଦଘାଟନ ବୁଧବାର କରିଛନ୍ତି । ୧୩୦୦ ବର୍ଗଫୁଟର ଏହି ହଲକୁ ଆଦୃତା ଶିଶୁ ସଦନର ୧୨୦ ଅନ୍ତେବାସୀ ସେମାନଙ୍କ ଭୋଜନ, ଅଧ୍ୟୟନ ତଥା ଇନଡୋର ଖେଳ ଏବଂ ମନୋରଞ୍ଜନ କାର୍ଯ୍ୟ ପାଇଁ ବ୍ୟବହାର କରିବେ । ହଲରେ ପିଲାମାନଙ୍କ ପାଇଁ ୨୦୦ ରୁ ଅଧିକ ପୁସ୍ତକ ଥିବା ଏକ ଲାଇବ୍ରେରୀ ମଧ୍ୟ ନିର୍ମାଣ କରାଯାଇଛି । ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ସିଏସଆର ଉପକ୍ରମ ଜେଏସପିଏଲ ଫାଉଣ୍ଡେସନ ଆଦୃତା ଶିଶୁ ସଦନର ପିତୃମାତୃହୀନ ପିଲାମାନଙ୍କୁ ୨୦୦୯ ମସିହାରୁ ସହାୟତା କରିଆସୁଛି । ସଦନର ବାଳିକାମାନଙ୍କ ପାଇଁ ଜେଏସପିଏଲ ଫାଉଣ୍ଡେସନ ଏକ ତିନି ମହଲା ଘର ନିର୍ମାଣ କରିଛି ଏବଂ ପିଲାମାନଙ୍କୁ ସେମାନଙ୍କ ବିଦ୍ୟାଳୟକୁ ଯିବା ପାଇଁ ଏକ ଉତ୍ସର୍ଗୀକୃତ ସ୍କୁଲ ବସ୍ ମଧ୍ୟ ଯୋଗାଇ ଦେଇଛି | ହଲ ଉଦ୍‌ଘାଟନୀ ଉତ୍ସବରେ ଶ୍ରୀମତୀ ଜିନ୍ଦଲ କହିଛନ୍ତି ଯେ, "ଆଦୃତା ଶିଶୁ ସଦନର ଅନ୍ତେବାସୀମାନେ ଜେଏସପିଏଲ ଫାଉଣ୍ଡେସନ ପାଇଁ ସ୍ୱତନ୍ତ୍ର । ମୁଁ ଆଶା କରୁଛି ଏହି ଉପଯୋଗୀ ହଲ ଛାତ୍ରଛାତ୍ରୀଙ୍କ ପାଠପଢା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସହାୟକ ହେବ । "ସ୍ନେହ" ପ୍ରୋଜେକ୍ଟ ଅଧୀନରେ ଆଦୃତା ଶିଶୁ ସଦନ ପିଲାମାନଙ୍କୁ ୨୦୦୯ ରୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ପିଲାମାନଙ୍କର ସ୍ୱାସ୍ଥ୍ୟ ସ୍ଥିତି ଉପରେ ନଜର ରଖିବା ପାଇଁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ମଧ୍ୟ କରାଯାଇଥାଏ । ଓପି ଜିନ୍ଦଲ କମ୍ୟୁନିଟି କଲେଜ ତଥା ଅନ୍ୟ ପଲିଟେକନିକ କଲେଜରେ ଅନ୍ତେବାସୀମାନଙ୍କ ବୈଷୟିକ ତାଲିମ ନିମନ୍ତେ ଜେଏସପିଏଲ ଫାଉଣ୍ଡେସନ ସାହାଯ୍ୟ କରୁଛି । ଏହି ଅବସରରେ ଜେଏସପିଏଲର ସଭାପତି ତଥା ମୁଖ୍ୟ (ଗ୍ରୁପ ସିଏସ୍‌ଆର୍ ଓ ସସ୍ଟେନେବିଲିଟି) ପ୍ରଶାନ୍ତ ହୋତା, ଜେନେରାଲ୍ ମ୍ୟାନେଜର (ସିଏସ୍‌ଆର) ପୁଷ୍ପାଲତା ଶତପଥୀ ଏବଂ ଜେଏସପିଏଲର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ପିତୃମାତୃହୀନ ପିଲାମାନଙ୍କୁ ନିରନ୍ତର ସହାୟତା ପାଇଁ ଆଦୃତା ଶିଶୁ ସଦନ ଅଧୀକ୍ଷକ ଡକ୍ଟର ସାଗାରିକା ମିଶ୍ର ଜେଏସପିଏଲ ଫାଉଣ୍ଡେସନ ଏବଂ ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ ଧନ୍ୟବାଦ ଜଣାଇଥିଲେ ।

